# ବହିପତ୍ର

## ବୁଲଡୋଜର୍ସ

(ଏକ ତୀର୍ଯ୍ୟକ ଲଘୁ ଉପାଖ୍ୟାନ)

**ମନୋଜ ଦାସ**

**ପ୍ରକାଶକ: ଚତୁରଙ୍ଗ ପ୍ରକାଶନୀ, ସି/୧୭- ବାଣିଜ୍ୟ ଭବନ, ଭୁବନେଶ୍ୱର। ପ୍ରଚ୍ଛଦ: ମନିଷ ସେନ**

**ମୂଲ୍ୟ–୨୨ ଟଙ୍କା।**

କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷର ଜଣେ ଅତ୍ୟନ୍ତ ସମ୍ମାନିତ ସାରସ୍ୱତ ପୁରୁଷ, ବିଶିଷ୍ଟ କଥାକାର ମନୋଜ ଦାସଙ୍କ 'ବୁଲଡୋଜର୍ସ' ଲଘୁ ଉପନ୍ୟାସର ଓଡ଼ିଆ ସଂସ୍କରଣ ଏବେ ପ୍ରକାଶ ପାଇଛି। ମୂଳତଃ ଇଂରାଜୀରେ ରଚିତ ଏ ଘଟଣାଟି ପ୍ରଥମେ ସ୍ୱରାଜ୍ୟ; ପରେ 'ଇଂପ୍ରିଣ୍ଟ' ଓ ତା'ପରେ ମନୋଜ ଦାସଙ୍କ ଦ୍ୱାରା ସମ୍ପାଦିତ 'ହେରିଟେଜ' ପତ୍ରିକାରେ ପ୍ରକାଶ ପାଇଥିଲା। ଏହାର ଓଡ଼ିଆ ଅନୁବାଦ ବର୍ତ୍ତମାନ ଓଡ଼ିଶାରେ ଚହଳ ସୃଷ୍ଟି କରିଛି। ଅତ୍ୟନ୍ତ ସାଧାରଣ ବ୍ୟାପାରଟିକୁ ଅନନ୍ୟ ସାଧାରଣ ଭାବେ ଉପସ୍ଥାପିତ କରିବାରେ ସିଦ୍ଧହସ୍ତ ମନୋଜ ଦାସ 'ବୁଲଡୋଜର୍ସ' ଗଳ୍ପରେ ସେହିପରି ଏକ ଘଟଣା ନେଇଛନ୍ତି। ତଥାକଥିତ ସମାଜସେବୀ, ପୂଜ୍ୟ-ପୂଜକ, କବି, ପ୍ରେମିକ, ନାଗରିକମାନଙ୍କୁ ଉଜ୍ଜ୍ୱଳ ଆଲୋକ ତଳେ ଛିଡ଼ା କରେଇଛନ୍ତି। ଉପନ୍ୟାସର ନାୟକ ରବି ଗ୍ରାମୀଣ ସଂସ୍କୃତି ସମ୍ପନ୍ନ ରକ୍ଷଣଶୀଳ, ନିଷ୍ପାପର ମଣିଷଟିର ସ୍ୱପ୍ନଭଙ୍ଗ ଭିତରେ ହିଁ ମନୋଜ ଦାସ ଦେଖେଇଛନ୍ତି କିପରି ଖର୍ବକାୟ, ବ୍ୟକ୍ତିତ୍ୱ ବିବର୍ଜିତ ମଣିଷଗୁଡ଼ାକ ଅବଲୀଳାକ୍ରମେ ଯାନ୍ତ୍ରିକ ଓ ଶେଷକୁ ଯନ୍ତ୍ର (ବୁଲଡୋଜର୍ସ)ରେ ପରିଣତ ହୋଇଯାଉଛନ୍ତି।

ଅତ୍ୟନ୍ତ ସୁଖପାଠ୍ୟ ଓ ସଫଳ ଉପନ୍ୟାସ 'ବୁଲଡୋଜର୍ସ' ଆମ ସାହିତ୍ୟର ଏକ ସମ୍ମାନନୀୟ ସଂଯୋଜନା।

## ସୋନପୁର ଇତିହାସ (୨)

**ଶ୍ରୀ ସଦାନନ୍ଦ ଅଗ୍ରୱାଲ, ମେଣ୍ଡା, ବଲାଙ୍ଗୀର**

**ପ୍ରକାଶକ: ଆତ୍ମ ପ୍ରକାଶନୀ, ବଲାଙ୍ଗୀର**

**ଅଳଙ୍କରଣ: ଶ୍ରୀ ଶ୍ରୀନିବାସ ଉଦ୍‌ଗାତା**

**ମୂଲ୍ୟ: ୪୦ ଟଙ୍କା,**

ଶ୍ରୀ ସଦାନନ୍ଦ ଅଗ୍ରୱାଲ ଆମ ସମୟର ଜଣେ ଜିଜ୍ଞାସୁ ଗବେଷକ। ଇତିହାସର ଅନ୍ୱେଷା ତାଙ୍କର ବୃତ୍ତି ନୁହେଁ, ପ୍ରବୃତ୍ତି। ତାଙ୍କର ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର ଓ ସ୍ୱକୀୟ। ସୋନପୁର ଇତିହାସର ପ୍ରଥମ ଖଣ୍ଡ ଆଗରୁ ପ୍ରକାଶ ପାଇଥିଲା ଓ ଖୁବ୍ କମ୍ ସମୟ ଭିତରେ ତାହା ଓଡ଼ିଶାର ସବୁ ମହଲର ପାଠକଙ୍କ ପାଖେ ଶ୍ରୀ ଅଗ୍ରୱାଲଙ୍କୁ ପରିଚିତ କରାଇଥିଲା। ସମ୍ପ୍ରତିଏହାର ୨ୟ ଭାଗ ପ୍ରକାଶ ପାଇଛି।

ଏହି ପୁସ୍ତକଟିରେ ନିକଟରେ ଲୋଇସିଂହାରୁ ପ୍ରାପ୍ତ ଜନ୍ମେଜୟ ମହାଭବ ଗୁପ୍ତଙ୍କର ତିନୋଟି ତାମ୍ର ଶାସନ ପାଖରୁ ଦୁଇଟିର ଅବିକଳ ନକଲ ସଂଯୋଜିତ ହୋଇଛି। ତାହାର ଭାବାନୁବାଦ ମଧ୍ୟ ଶ୍ରୀ ଅଗ୍ରୱାଲ ଏହି ପୁସ୍ତକରେ ପ୍ରଦାନ କରିଅଛନ୍ତି। ଏହି ପୁସ୍ତକର ମୁଖବନ୍ଧ ଲେଖିଛନ୍ତି ବିଶିଷ୍ଟ ଐତିହାସିକ ଅଧ୍ୟାପକ ଡକ୍ଟର ଯଜ୍ଞକୁମାର ସାହୁ, ସେଇ ମୁଖବନ୍ଧରେ ସେ ସୋନପୁର ଇତିହାସ ସମ୍ବନ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅବତାରଣା କରିଛନ୍ତି। ଡକ୍ଟର ସାହୁ ଠାଏ ଲେଖିଛନ୍ତି ଯେ, "ସୋନପୁର ଇତିହାସ ପୁସ୍ତକର ଅନେକସ୍ଥାନରେ ସଦାନନ୍ଦବାବୁ ବହୁ ପ୍ରତିଷ୍ଠିତ ଐତିହାସିକ ମାନଙ୍କ ମତକୁ ଅତି ଯୁକ୍ତିଯୁକ୍ତ ଭାବେ ଖଣ୍ଡନ କରି ନିଜର ଗଭୀର ଅଧ୍ୟୟନ, ବିଚାର ଏବଂ ସାହସିକତାର ପରିଚୟ ପ୍ରଦାନ କରିଛନ୍ତି। ଲକ୍ଷ୍ୟ କରିଛି ଯେ, ଏଥିରେ ଅଭିଲେଖୀୟ ଭୌଗୋଳିକ ନାମ ଗୁଡ଼ିକ ଅତି ସତର୍କତା ତଥା ସଫଳତାର ସହ ପରିଚିହ୍ନିତ କରାଯାଇ ପାରିଛି। ମୋ ମତରେ ଏହାହିଁ ସଦାନନ୍ଦବାବୁଙ୍କ ଗବେଷଣାର ସବୁଠାରୁ ବଡ଼ ମୌଳିକତା। ଆମେମାନେ ଡଃ ସାହୁଙ୍କ ଅଭିମତ ସହ ଏକମତ।

ବହିଟିର ବହୁଳ ପ୍ରସାର କାମ୍ୟ।

## ବୌଦ୍ଧଜାତକ ଗଳ୍ପ

(ସପ୍ତମ ଭାଗ)

**ଅନୂଦିତ ଓ ସଂପାଦିତ ଗଳ୍ପ ସଙ୍କଳନ**

**ଲେଖକ : ସୁରେନ୍ଦ୍ରନାଥ ଶତପଥୀ**

**ପ୍ରକାଶକ : କଟକ ଷ୍ଟୁଡେଣ୍ଟସ ଷ୍ଟୋର,**

**ପ୍ରକାଶନ କାଳ : ୧୯୮୯**

**ମୂଲ୍ୟ : ସାଦା ଟ୩୬.୦୦**

**ବନ୍ଧାଇ ଟ୪୦.୦୦**

ହିନ୍ଦୁମାନଙ୍କର ଚାରିବେଦ ଭଳି ବୌଦ୍ଧମାନଙ୍କର ତ୍ରିପିଟକ ମୌଳିକ ଗ୍ରନ୍ଥ। ତ୍ରିପିଟକର ଅର୍ଥ ହେଉଛି ତିନୋଟି ପେଡି। ଏହି ତିନୋଟି ପେଡି ମଧ୍ୟରେ ସକଳ ବୌଦ୍ଧତତ୍ତ୍ୱ ନିହିତ ହୋଇଥିବାରୁ ଏହାର ଏଭଳି ନାମକରଣ। ସୁତ୍ତପିଟକ, ଅଭିଧର୍ମପିଟକ ଓ ବିନୟପିଟକ, ଏହି ତିନି ଗ୍ରନ୍ଥ ତ୍ରିପିଟକର ଅନ୍ତର୍ଭୁକ୍ତ। ଜାତକ ହେଉଛି ସୁତ୍ତପିଟକସ୍ଥ 'କ୍ଷୁଦ୍ଦକ ନିକାୟ'ର ଅଂଶବିଶେଷ। ଏଥିରେ ବୁଦ୍ଧଦେବଙ୍କ ଉପଦେଶାବଳୀ ଗଳ୍ପ ଆକାରରେ ସନ୍ନିବେଶିତ। ଏହି ଗଳ୍ପ ଗୁଡ଼ିକ ବୁଦ୍ଧଦେବଙ୍କର ବୋଧିସତ୍ତ୍ୱ ରୂପରେ ନେଇଥିବା ବିଭିନ୍ନ ପୂର୍ବ ଜନ୍ମ ଉପରେ ଆଧାରିତ। ଏଗୁଡିକର ଶୀଳାତ୍ମକ ଦିଗର ଆବେଦନ ଚିରନ୍ତନ ଓ ଅତି ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକର ବୌଦ୍ଧକାଳୀନ ଭାରତର ଐତିହାସିକ, ସାମାଜିକ ଓ ସାଂସ୍କୃତିକ ପ୍ରତିଛବି ଅଙ୍କିତ ହୋଇଥିବାରୁ ଭାରତୀୟ ସଂସ୍କୃତି ବିଷୟ ଅନୁଧ୍ୟାନ କରିବାକୁ ଗଲେ ଏଗୁଡ଼ିକୁ ପଢ଼ିବା ନିତାନ୍ତ ଆବଶ୍ୟକ। ତାହା ଛଡ଼ା ସମଗ୍ର ବିଶ୍ୱସାହିତ୍ୟରେ ମାତୃକଳ୍ପ ଗ୍ରନ୍ଥ ହିସାବରେ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି।

ବର୍ତ୍ତମାନ ସୁରେନ୍ଦ୍ରନାଥ ଶତପଥୀଙ୍କ ଦ୍ୱାରା ଅନୁଦିତ ଓ ସମ୍ପାଦିତ ବୌଦ୍ଧ ଜାତକ ଗଳ୍ପର ସପ୍ତମ ଭାଗଟି ପ୍ରକାଶିତ ହୋଇଛି। ଏଥିରେ ମୂଳ ପାଲି ଜାତକର ଓଡ଼ିଆ ଅନୁବାଦ ହେବା ସଙ୍ଗେ ପ୍ରତିଟି ଗଳ୍ପ ଶେଷରେ ଦିଆଯାଇଥିବା ଟିପ୍ପଣୀ ଖୁବ୍ ଉପାଦେୟ ତଥା ଆକର୍ଷଣୀୟ ହୋଇଛି। ଏଥିରେ ସର୍ବମୋଟ ୭୨ଟି ଗଳ୍ପ ସନ୍ନିବେଶିତ। ଅନୁବାଦ ସରଳ ଓ ସାବଲୀଳ ହୋଇଛି। ମୂଳ ପାଲି ଜାତକର ଓଡ଼ିଆ ଅନୁବାଦ ପୂର୍ବରୁ ପ୍ରକାଶିତ ହୋଇନଥିଲା। ଅତଏବ, ଏହି ସିରିଜ୍‌ରେ ପ୍ରକାଶିତ ହେଉଥିବା ପୁସ୍ତକମାଳା ଓଡ଼ିଆ ସାହିତ୍ୟକୁ ଯେ ସମୃଦ୍ଧ କରିବ ଏଥିରେ ସନ୍ଦେହ ନାହିଁ। ଆମେ ଏହି ପୁସ୍ତକର ବହୁଳ ପ୍ରସାର କାମନା କରୁଛୁ।

ଅସିତ୍ ମୁଖାର୍ଜୀଙ୍କ ଦ୍ୱାରା ଅଙ୍କିତ ପ୍ରଚ୍ଛଦପଟଟି ସୁନ୍ଦର ହୋଇଛି।

## ଶୋଭନା

**ମାସିକ ମହିଳା ପତ୍ରିକା**

**ସଂପାଦିକା– ଲକ୍ଷ୍ମୀପ୍ରିୟା ଜେନା**

**ପରିଚାଳନା ସଂପାଦକ- ବିଧୁଭୂଷଣ ପଟ୍ଟନାୟକ**

**ମୂଲ୍ୟ– ପାଞ୍ଚଟଙ୍କା**

ମାସିକ ପତ୍ରିକା 'ଶୋଭନା'ର ମାର୍ଚ୍ଚ– ୧୯୯୦ ସଂଖ୍ୟା ଇତିମଧ୍ୟରେ ପ୍ରକାଶ ପାଇଛି। ଗଳ୍ପ ବିଭାଗରେ ଗଳ୍ପ ଲେଖିଛନ୍ତି ଜୟନ୍ତୀ ରଥ, ପରେଶ କୁମାର ପଟ୍ଟନାୟକ ଏବଂ ନିରଞ୍ଜନ ଦାସ। କବିତା ଲେଖିଛନ୍ତି ହୃଷୀକେଶ ମଲ୍ଲିକ, ଶୁଭକାନ୍ତ ବେହେରା ବ୍ରଜ ପାଇକରାୟ ପ୍ରମୁଖ। ଲଘୁକଥା ସ୍ତମ୍ଭରେ ମୃଣାଳଙ୍କ ଧାରାବାହିକ ରଚନା ସେକ୍ରେଟେରିଏଟ୍‌ରେ ବାଘ ଏବଂ ଲକ୍ଷ୍ମୀପ୍ରିୟା ଜେନାଙ୍କ ଗଳ୍ପଧାରା ଷ୍ଟେସନ ରହିଛି। ଏତଦ୍‌ବ୍ୟତୀତ ମନମନ୍ଥନ, ପୁଣ୍ୟନଦୀରତୀରେ, ଖେଳାଫର୍ଦ୍ଦ, ବିଶ୍ୱବିବିଧ ଲୋକକଥା, ସ୍ମୃତି ଅନୁଭୂତି, ପର୍ଯ୍ୟଟନ, ଗୃହ ଅଙ୍ଗନରୁ, ଅଲଣାକଥା ପ୍ରଭୃତି ବିଭିନ୍ନ ବିଭାଗରେ ସମୃଦ୍ଧ ଏହି ପତ୍ରିକାଟି ସଂଗ୍ରହଣୀୟ ହୋଇପାରିଛି। ଓଡ଼ିଆ ଭାଷାରେ ପତପତ୍ରିକା ମାନଙ୍କ ମରୁଡ଼ି ଓ ଅନିୟମିତତା କାଳରେ 'ଶୋଭନା'ର ନିୟମିତ ଆତ୍ମପ୍ରକାଶ ଏକପ୍ରକାର ଆଶ୍ୱାସନା ଭଳି ମନେହୁଏ।

## ଶ୍ରୀପର୍ଣ୍ଣା

**ଫେବୃଆରୀ– ମେ ସଂଖ୍ୟା**

**ସହଯୋଗ– ୫ ଟଙ୍କା**

ପୁରୀରୁ ତ୍ରୈମାସିକ ସାହିତ୍ୟ ପତ୍ରିକା ଶ୍ରୀପର୍ଣ୍ଣାର ଫେବୃଆରୀ ସଂଖ୍ୟା ଶୀତ– ୧୯୯୦ ଇତିମଧ୍ୟରେ ଉମାକାନ୍ତ ମହାପାତ୍ରଙ୍କ ସଂପାଦନାରେ ପ୍ରକାଶ ପାଇଛି। ଏହି ସଂଖ୍ୟାରେ ବିଭିନ୍ନ ଶୈଳୀର ଗଳ୍ପ, କବିତା, ପ୍ରବନ୍ଧ ଓ ସାକ୍ଷାତକାର ଆଦି ପ୍ରକାଶ ପାଇଛି।